OPEN ACCESS

*Int. Jr. of Contemp. Res. in Multi.* **PEER-REVIEWED JOURNAL** *Volume 4 Issue 6 [Nov- Dec] Year 2025*

IJCRM International Journal of Contemporary Research In Multidisciplinary



*Research Article*

# ଉତ୍ତର-ଉପନିବେଶବାଦ ପରିପ୍ରେକ୍ଷୀରେ ପ୍ରବାସୀ ମନସ୍ତତ୍ତ୍ୱ ଓ ଆତ୍ମପରିଚୟର ଅନ୍ୱେଷଣ: 'ଅଭିଳାଷ ଓ ଅନ୍ୟାନ୍ୟ ଗଳ୍ପ'ର ଏକ ତାତ୍ତ୍ୱିକ ବିଶ୍ଳେଷଣ

**ଆଶିଷ ନନ୍ଦ**

**ଗବେଷକ (UGC-JRF), ସ୍ନାତକୋତ୍ତର ଓଡିଆ ଭାଷା ସାହିତ୍ୟ ବିଭାଗ , ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର,** ଓଡ଼ିଶା, ଭାରତ

**Corresponding Author: *** ଆଶିଷ ନନ୍ଦ

**DOI:** https://doi.org/10.5281/zenodo.22976666

**ସାରାଂଶ**

ଉତ୍ତର-ଉପନିବେଶବାଦ (Post-colonial) ସମୟଖଣ୍ଡରେ ପ୍ରବାସୀ ମନସ୍ତତ୍ତ୍ୱ, ନିର୍ବାସନ, ବିସ୍ଥାପନ ଓ ଆତ୍ମପରିଚୟର ଅନ୍ୱେଷଣ ସମକାଳୀନ ସାହିତ୍ୟ ତତ୍ତ୍ୱର ମୁଖ୍ୟ ବିଷୟବସ୍ତୁ ଭାବେ ଉଭା ହୋଇଛି।। ଓଡ଼ିଆ କଥାକାର ଶରତ ଚନ୍ଦ୍ର ମିଶ୍ରଙ୍କ ଗଳ୍ପ ସଙ୍କଳନ 'ଅଭିଳାଷ ଓ ଅନ୍ୟାନ୍ୟ ଗଳ୍ପ' (୧୯୯୪) ଏହି ଦୃଷ୍ଟିକୋଣରୁ ଏକ ଅତ୍ୟନ୍ତ ଉଲ୍ଲେଖନୀୟ ଦୃଷ୍ଟାନ୍ତ। ଓଡ଼ିଆ କ୍ଷୁଦ୍ରଗଳ୍ପର ଧାରାରେ ଆଞ୍ଚଳିକତା ତଥା ପାରମ୍ପରିକ ଗ୍ରାମୀଣ-ମଧ୍ୟବିତ୍ତ ପରିସରରୁ ଊର୍ଦ୍ଧ୍ୱକୁ ଯାଇ ଏକ ବିଶ୍ୱସ୍ତରୀୟ ପରିପ୍ରେକ୍ଷୀ (Global Perspective) ପ୍ରଦାନ କରିବାରେ ଶରତ ଚନ୍ଦ୍ର ମିଶ୍ରଙ୍କ ଗଳ୍ପଗୁଡ଼ିକ ଅନନ୍ୟ। 'ଅଭିଳାଷ ଓ ଅନ୍ୟାନ୍ୟ ଗଳ୍ପ' ସଙ୍କଳନରେ ଥିବା ବାରଟି ଗଳ୍ପ ମାଧ୍ୟମରେ ଲେଖକ ଆଧୁନିକ ମଣିଷର ଆତ୍ମପରିଚୟ ସନ୍ଧାନ (Identity Crisis), ପ୍ରବାସୀ ଜୀବନର ବିଚ୍ଛିନ୍ନତାବୋଧ (Alienation), ଭୌଗୋଳିକ ସୀମାରେଖା ଅତିକ୍ରମ କରି ମଧ୍ୟ ମାନସିକ ସ୍ତରରେ ରହିଯାଉଥିବା ଅପୂର୍ଣ୍ଣତା ବା 'ଅନୁପସ୍ଥିତି' (Sense of Absence) ଏବଂ ପ୍ରଶାସନିକ-ଅମଲାତାନ୍ତ୍ରିକ ଦ୍ୱନ୍ଦ୍ୱକୁ ନିଖୁଣ ଭାବେ ରୂପାୟିତ କରିଛନ୍ତି। ଏହା କ୍ଷୁଦ୍ରଗଳ୍ପର ଭୌଗୋଳିକ ସୀମାକୁ ବିଶ୍ୱ ପରିସର ମଧ୍ୟକୁ ପ୍ରସାରିତ କରିଛି। ଉପନିବେଶବାଦୀ ଶାସନର ପରବର୍ତ୍ତୀ କାଳରେ ଘଟିଥିବା ଦେଶ ବିଭାଜନ, ରାଜନୈତିକ ଉତ୍ଥାନ-ପତନ ଏବଂ ଅର୍ଥନୈତିକ ସ୍ୱପ୍ନ, ରାଜନୈତିକ ସୀମାରେଖା ଓ ପାଶ୍ଚାତ୍ୟ ଭୌତିକତାବାଦ କିପରି ତୃତୀୟ ବିଶ୍ୱର ମଣିଷକୁ ନିଜ ମାଟିରୁ ବିଚ୍ଛିନ୍ନ କରି ବିଦେଶୀ ଭୂଖଣ୍ଡରେ ଏକ 'ଅନ୍ୟାନ୍ୟ' (Other) ବା ଦ୍ୱିତୀୟ ଶ୍ରେଣୀର ନାଗରିକ ଭାବେ ଠିଆ କରିଦିଏ, ତାହା ଏହି ସଙ୍କଳନର ମୂଳ ସ୍ୱର। ହୋମି ଭାଭା (Homi Bhabha)ଙ୍କ 'ସଙ୍କରତା' (Hybridity), 'ଅନୁକରଣ' (Mimicry) ଏବଂ ଷ୍ଟୁଆର୍ଟ ହଲ୍ (Stuart Hall)ଙ୍କ 'ସାଂସ୍କୃତିକ ଆତ୍ମପରିଚୟ' (Cultural Identity) ତତ୍ତ୍ୱକୁ ଆଧାର କରି ଏହି ନିବନ୍ଧରେ ଶରତ ମିଶ୍ରଙ୍କ ପ୍ରମୁଖ ଗଳ୍ପଗୁଡ଼ିକର ଏକ ତାତ୍ତ୍ୱିକ ଅନୁଶୀଳନ କରାଯାଇଛି।

**Manuscript Information**

- **ISSN No:** 2583-7397
- **Received:** 05-11-2025
- **Accepted:** 28-11-2025
- **Published:** 30-12-2025
- **IJCRM:**4(6); 2025: 828-833
- **©2025, All Rights Reserved**
- **Plagiarism Checked:** Yes
- **Peer Review Process:** Yes

**How to Cite this Article**

ଆଶିଷ ନନ୍ଦ. ଉତ୍ତର-ଉପନିବେଶବାଦ ପରିପ୍ରେକ୍ଷୀରେ ପ୍ରବାସୀ ମନସ୍ତତ୍ତ୍ୱ ଓ ଆତ୍ମପରିଚୟର ଅନ୍ୱେଷଣ: 'ଅଭିଳାଷ ଓ ଅନ୍ୟାନ୍ୟ ଗଳ୍ପ'ର ଏକ ତାତ୍ତ୍ୱିକ ବିଶ୍ଳେଷଣ. Int J Contemp Res Multidiscip. 2025;4(6): 828-833.

**Access this Article Online**

www.multiarticlesjournal.com

**ପ୍ରମୁଖ ଶବ୍ଦ:** ଉତ୍ତର-ଉପନିବେଶବାଦ, ପ୍ରବାସୀ ମନସ୍ତତ୍ତ୍ୱ, ଆତ୍ମପରିଚୟ ସଙ୍କଟ, ସଙ୍କରତା, ଅନୁପସ୍ଥିତ ସିଦ୍ଧାନ୍ତ, ଶରତ ଚନ୍ଦ୍ର ମିଶ୍ର।


© 2025 ଆଶିଷ ନନ୍ଦ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

**୧. ଉପକ୍ରମଣିକା**

ଲେଖକ ଶରତଚନ୍ଦ୍ର ମିଶ୍ର ଓଡ଼ିଶା ରାଜ୍ୟ ପୋଲିସର ସର୍ବୋଚ୍ଚ କର୍ମକର୍ତ୍ତା, ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନର ପ୍ରତିଷ୍ଠାତା ଚେୟାରମେନ ତଥା କୂଟନୀତିଜ୍ଞ ଭାବରେ ବହୁବର୍ଷ ବାଂଲାଦେଶ, ଆମେରିକା ୟୁରୋପରେ କାର୍ଯ୍ୟ କରିଥିଲେହେଁ ସାହିତ୍ୟ ଲିଖନ ପ୍ରତି ତାଙ୍କ ଆଗ୍ରହ କେବେ କମିନଥିଲା I ସେ ଅନେକ ପ୍ରବନ୍ଧ, ଉପନ୍ୟାସ ଏବଂ ଗଳ୍ପ ରଚନା କରିଛନ୍ତି I ତାଙ୍କ ଗଳ୍ପ ଓ ଉପନ୍ୟାସରେ ନିଛକ ସାମାଜିକ ବାସ୍ତବତା ଅପେକ୍ଷା ମଣିଷର ଅନ୍ତର୍ମନର ଦ୍ୱନ୍ଦ୍ୱ, ଅନ୍ତଃଚେତନା, ନିଃସଙ୍ଗତା ଓ ଅସ୍ତିତ୍ୱବାଦୀ ଭାବନାର ପ୍ରତିଫଳନ ଅଧିକ ଦେଖିବାକୁ ମିଳେ। ଚରିତ୍ରମାନଙ୍କର ଅବଚେତନ ମନର ଅକୁହା କଥା ଓ 'ଅନୁପସ୍ଥିତ' (absent) ଅବସ୍ଥାର ମାନସିକ ପ୍ରଭାବକୁ ସେ ନିଖୁଣ ଭାବରେ ଚିତ୍ରଣ କରନ୍ତି। ଆଲୋଚ୍ୟ ଗଳ୍ପ ସଙ୍କଳନ 'ଅଭିଳାଷ ଓ ଅନ୍ୟାନ୍ୟ ଗଳ୍ପ' ହେଉଛି ବିଶିଷ୍ଟ ପ୍ରଶାସକ ତଥା ଲେଖକ **ଶ୍ରୀ ଶରତ ଚନ୍ଦ୍ର ମିଶ୍ର**ଙ୍କ ଦ୍ୱାରା ରଚିତ ଏବଂ ୧୯୯୪ ମସିହାରେ 'ବିଦ୍ୟାପୁରୀ' ଦ୍ୱାରା ପ୍ରକାଶିତ ଏକ ଉଚ୍ଚକୋଟୀର ଓଡ଼ିଆ କ୍ଷୁଦ୍ରଗଳ୍ପ ସଙ୍କଳନ। ଏହି ପୁସ୍ତକରେ ମୋଟ ୧୨ଟି ଗଳ୍ପ ସ୍ଥାନିତ ହୋଇଛି ଏବଂ ପ୍ରାରମ୍ଭରେ ଖ୍ୟାତନାମା ସାହିତ୍ୟିକ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଦ୍ୱାରା ଲିଖିତ ଏକ ତାତ୍ତ୍ୱିକ ମୁଖବନ୍ଧ ('ଆଧୁନିକ କ୍ଷୁଦ୍ର ଗଳ୍ପର ବୃତ୍ତି ଓ ପ୍ରବୃତ୍ତି') ସଂଯୋଜିତ ହୋଇଛି। ଲେଖକ ନିଜର ଦୀର୍ଘ ପ୍ରଶାସନିକ ସେବା ଓ ବିଦେଶ ରହଣିର ଅଭିଜ୍ଞତାକୁ ଆଧାର କରି ଗଳ୍ପଗୁଡ଼ିକୁ ରୂପ ଦେଇଛନ୍ତି। ମୁଖବନ୍ଧ ଅନୁଯାୟୀ, ଏହି ଗଳ୍ପଗୁଡ଼ିକରେ ଆଧୁନିକ ମଣିଷର ଆତ୍ମପରିଚୟ ସନ୍ଧାନ, ଭାରତୀୟ ଅମଲାତନ୍ତ୍ରର ଦ୍ୱନ୍ଦ୍ୱ, ପ୍ରବାସୀ ଜୀବନର ଏକାକୀପଣ ଏବଂ ମାନବୀୟ ସମ୍ପର୍କର ଜଟିଳ ମନସ୍ତତ୍ତ୍ୱ ଅତ୍ୟନ୍ତ ସ୍ପଷ୍ଟ ଭାବରେ ପ୍ରତିଫଳିତ ହୋଇଛି।

ସାମ୍ରାଜ୍ୟବାଦୀ ଉପନିବେଶବାଦୀ ଶାସନର ଅବସାନ ଘଟିଥିଲେ ହେଁ ତାହାର ଦୀର୍ଘକାଳୀନ ପ୍ରଭାବ ବିଶ୍ୱର ସୀମାରେଖା, ଅର୍ଥନୀତି ତଥା ମାନବୀୟ ସଂସ୍କୃତିକୁ ବିଖଣ୍ଡିତ କରି ରଖିଛି। ସାହିତ୍ୟ କ୍ଷେତ୍ରରେ ଉତ୍ତର-ଔପନିବେଶବାଦ କେବଳ ରାଜନୈତିକ ସ୍ୱାଧୀନତାକୁ ବୁଝାଏ ନାହିଁ; ବରଂ ଏହା ଔପନିବେଶିକ ଶକ୍ତି ଦ୍ୱାରା ନିର୍ମିତ ସୀମାରେଖା, ସାଂସ୍କୃତିକ ହୀନମନ୍ୟତା ଏବଂ ପ୍ରବାସୀ ମଣିଷର ଅନ୍ତର୍ଦ୍ୱନ୍ଦ୍ୱକୁ ଅନୁଧ୍ୟାନ କରେ। ଓଡ଼ିଆ କଥାସାହିତ୍ୟରେ ପ୍ରବାସୀ ମନସ୍ତତ୍ତ୍ୱ (Diasporic Consciousness)କୁ ଏକ ବିଶ୍ୱସ୍ତରୀୟ ପରିସରରେ ରୂପ ଦେବାରେ ଶ୍ରୀ ଶରତ ଚନ୍ଦ୍ର ମିଶ୍ର ଅନ୍ୟତମ ଅଗ୍ରଦୂତ। ବିଂଶ ଶତାବ୍ଦୀର ଶେଷ ଭାଗରେ ବିଶ୍ୱାୟନର ଆଗମନ ସହିତ ଓଡ଼ିଆ କ୍ଷୁଦ୍ରଗଳ୍ପର ଭାବବଳୟରେ ଏକ ଯୁଗାନ୍ତକାରୀ ରୂପାନ୍ତର ପରିଲକ୍ଷିତ ହେଲା। ଶ୍ରୀ ଶରତ ଚନ୍ଦ୍ର ମିଶ୍ର ଜଣେ ଉଚ୍ଚପଦସ୍ଥ ପ୍ରଶାସକ ତଥା ବିଭିନ୍ନ ଅନ୍ତର୍ଜାତୀୟ ଅନୁଷ୍ଠାନ ସହ ଜଡ଼ିତ ରହି ବିଶ୍ୱର ନାନା ଦେଶରେ ବସବାସ କରିବାର ପ୍ରତ୍ୟକ୍ଷ ଅଭିଜ୍ଞତା ଅର୍ଜନ କରିଥିଲେ। ପ୍ରବନ୍ଧ ରଚନାରୁ ଗଳ୍ପ କ୍ଷେତ୍ରକୁ ଆସିବା ସମ୍ପର୍କରେ ଲେଖକ ନିଜ ଆଭିମୁଖ୍ୟ ସ୍ପଷ୍ଟ କରି 'ନିଜ କଥା' ପ୍ରସଙ୍ଗରେ ଲେଖିଛନ୍ତି:

"ପ୍ରବନ୍ଧରେ କୌଣସି ଏକ ସମସ୍ୟାର ଉତ୍ଥାପନ ଓ ବିଶ୍ଳେଷଣ ହେଲା, କିନ୍ତୁ ଅନ୍ତର୍ନିହିତ ଫଲ୍‌ଗୁ ପରି ବୋହୁଥିବା ମନ ଭିତରର ପରସ୍ତ ପରସ୍ତ ସୂକ୍ଷ୍ମାନୁଭୂତିଗୁଡ଼ିକର ପରିପ୍ରକାଶ ଘଟିଲା ନାହିଁ I ତେଣୁ କ୍ଷୁଦ୍ର ଗଳ୍ପର ଆଶ୍ରୟ ନେଲି I" (ମିଶ୍ର, ୧୯୯୪, ପୃ. ଖ)

ଏହି ପରିପ୍ରେକ୍ଷୀରେ 'ଅଭିଳାଷ ଓ ଅନ୍ୟାନ୍ୟ ଗଳ୍ପ'ରେ ଉଭୟ ନିମ୍ନବର୍ଗର ଶ୍ରମିକ (Subaltern) ଏବଂ ଉଚ୍ଚବର୍ଗର ବୁଦ୍ଧିଜୀବୀ-ବ୍ୟବସାୟୀଙ୍କ ଜୀବନରେ ଆତ୍ମପରିଚୟର ବିଡ଼ମ୍ବନା କିପରି ପ୍ରକଟିତ ହୋଇଛି, ତାହା ଏଠାରେ ଆଲୋଚିତ।

**୨. ତାତ୍ତ୍ୱିକ ରୂପରେଖ:**

**କ. ଷ୍ଟୁଆର୍ଟ ହଲ୍: ସାଂସ୍କୃତିକ ଆତ୍ମପରିଚୟ ଏବଂ ପ୍ରବାସୀ :**

ଷ୍ଟୁଆର୍ଟ ହଲ୍ (Stuart Hall)ଙ୍କ ପ୍ରସିଦ୍ଧ ନିବନ୍ଧ "Cultural Identity and Diaspora" (1990) ପ୍ରବାସୀ ଚେତନା ଏବଂ ସାଂସ୍କୃତିକ ଆତ୍ମପରିଚୟର ଅନ୍ୱେଷଣ କ୍ଷେତ୍ରରେ ଏକ ଆଧାରଶିଳା ସଦୃଶ। ଷ୍ଟୁଆର୍ଟ ହଲ୍ 'ସାଂସ୍କୃତିକ ଆତ୍ମପରିଚୟ' କୁ ଦୁଇଟି ଭିନ୍ନ ଦୃଷ୍ଟିକୋଣରୁ ବ୍ୟାଖ୍ୟା କରିଛନ୍ତି ପ୍ରଥମ ଦୃଷ୍ଟିକୋଣ ଅନୁସାରେ ଏକ ନିର୍ଦ୍ଦିଷ୍ଟ ଜାତି ବା ସମାଜର ମଣିଷ ନିଜର ଇତିହାସ, ପରମ୍ପରା ଓ ଜନ୍ମମାଟିରୁ ଏକ ସ୍ଥିର ତଥା ଅପରିବର୍ତ୍ତନୀୟ ସାଂସ୍କୃତିକ ପରିଚୟ ଲାଭ କରେ। ଏହା ଲୋକଙ୍କ ଭିତରେ "ଏକତା" ଓ "ସାମୂହିକ ଅସ୍ମିତା"ର ଭାବନା ସୃଷ୍ଟି କରେ।ଦ୍ୱିତୀୟ ଦୃଷ୍ଟିକୋଣ ଅନୁସାରେ'ସାଂସ୍କୃତିକ ପରିଚୟ କେବଳ ହୋଇ ରହିବା ବିଷୟ ନୁହେଁ, ବରଂ ଗଢ଼ିଉଠିବା (ନିରନ୍ତର ବିକାଶ) ସହିତ ମଧ୍ୟ ଜଡ଼ିତ। ଏହା ଅତୀତ ପରି ଭବିଷ୍ୟତ ସହ ମଧ୍ୟ ସମାନ ଭାବରେ ଜଡ଼ିତ । ଏହା ଏପରି କିଛି ନୁହେଁ ଯାହା ଯାହା ସ୍ଥାନ, କାଳ,ଇତିହାସ ଓ ସଂସ୍କୃତିର ଊର୍ଦ୍ଧ୍ୱରେ ରହି ପୂର୍ବରୁ ହିଁ ବିଦ୍ୟମାନ ଥାଏ'।"Cultural identity... is a matter of 'becoming' as well as of 'being'. It belongs to the future as much as to the past. It is not something which already exists, transcending place, time, history and culture." (Hall, 1990, p. 225)। ପ୍ରବାସୀ ଯେତେ ଚେଷ୍ଟା କଲେ ମଧ୍ୟ ଅତୀତର 'ପ୍ରକୃତ ମୂଳ ମାଟି')କୁ ସମ୍ପୂର୍ଣ୍ଣ ରୂପେ ଫେରିପାରେ ନାହିଁ; ତା'ର ପରିଚୟ ସର୍ବଦା ପୁରୁଣା ଓ ନୂଆ ସଂସ୍କୃତିର ସଂଘର୍ଷ ମଧ୍ୟରେ ହିଁ ନିର୍ଦ୍ଧାରିତ ହୁଏ (Hall, 1990, p. 226–227)।

**ଖ. ହୋମି ଭାଭା: ଅନୁକରଣ ଓ ସଙ୍କରତା:**

ହୋମି ଭାଭା (Homi K. Bhabha) ଙ୍କ ପ୍ରସିଦ୍ଧ ପୁସ୍ତକ **The Location of Culture** (1994) ଉତ୍ତର-ଔପନିବେଶିକ ସାହିତ୍ୟ ତତ୍ତ୍ୱ କ୍ଷେତ୍ରରେ ଏକ ଅତ୍ୟନ୍ତ ପ୍ରଭାବଶାଳୀ ଗ୍ରନ୍ଥ। ପୁସ୍ତକର ଚତୁର୍ଥ ଅଧ୍ୟାୟ "Of Mimicry and Man: The Ambivalence of Colonial Discourse" (ପୃ. ୮୫–୯୨) ରେ ଭାଭା ଦର୍ଶାଇଛନ୍ତି ଯେ ଔପନିବେଶିକ ଶାସକ ଉପନିବେଶର ଅଧିବାସୀଙ୍କୁ ନିଜ ପରି ସଭ୍ୟ ବା ଶିକ୍ଷିତ କରିବା ପାଇଁ ଅନୁକରଣ ଶିଖାଏ। କିନ୍ତୁ ଏହି ଅନୁକରଣ ଏକ ବିକୃତ ନକଲ ରେ ପରିଣତ ହୁଏ"Colonial mimicry is the desire for a reformed, recognizable Other, as a subject of a difference that is almost the same, but not quite." (Bhabha, 1994, p. 86)। ଭାଭାଙ୍କ ମତରେ ସଂସ୍କୃତି କେବେହେଲେ ଶୁଦ୍ଧ ନୁହେଁ। ଉପନିବେଶ ଓ ଶାସକ ସଂସ୍କୃତିର ମିଳନରେ ଏକ ନୂତନ, ଦ୍ୱନ୍ଦ୍ୱାତ୍ମକ ସଙ୍କର ସଂସ୍କୃତି ଜନ୍ମ ନିଏ, ଯାହା ପ୍ରବାସୀକୁ କୌଣସି ଗୋଟିଏ ସଂସ୍କୃତିରେ ସ୍ଥିର ରହିବାକୁ ଦିଏନାହିଁ (Bhabha, 1994, p. 112–115)। ପୁସ୍ତକର ପ୍ରଥମ ଅଧ୍ୟାୟରେ ଭାଭା ଏକ କାଳ୍ପନିକ 'ତୃତୀୟ ପରିସର' ବିଷୟରେ କହିଛନ୍ତି। ପ୍ରବାସୀ ମଣିଷ ନିଜ ମୂଳ ଜନ୍ମଭୂମି ଛାଡ଼ି ନୂତନ ବିଦେଶୀ ଭୂମିରେ ପହଞ୍ଚିବା ପରେ ଏକ ସୀମାନ୍ତ ବା ଦୋଛକି ଭିତରେ ଠିଆ ହୁଏ, ଯେଉଁଠାରେ ପରିଚୟ ସର୍ବଦା ଅସ୍ଥିର ରହେ (Bhabha, 1994, p. 37)।

**ଗ. ସାହିତ୍ୟରେ 'ଅନୁପସ୍ଥିତ ସିଦ୍ଧାନ୍ତ'**

ଜାକ୍ ଡେରିଡ଼ା (Jacques Derrida)ଙ୍କ ବିନିର୍ମାଣବାଦୀ ଦର୍ଶନ ଅନୁସାରେ, ଜୀବନ ବା ପାଠରେ ଯାହା ଉପସ୍ଥିତ (Presence), ତାହା ପ୍ରକୃତରେ ଯାହା ଅନୁପସ୍ଥିତ (Absence) ତାହାରି ଚାପରେ ହିଁ ଅର୍ଥପୂର୍ଣ୍ଣ ହୁଏ (Derrida, 1976, p. 57)। ଜାକ୍ ଡେରିଡ଼ା (Jacques Derrida) ଙ୍କ ଦର୍ଶନ ଅନୁସାରେ ଭାଷା ଓ ଚେତନାରେ ଉପସ୍ଥିତି (Presence) ଅପେକ୍ଷା ଅନୁପସ୍ଥିତି (Absence) ହିଁ ବାସ୍ତବତାର ମୂଳ ନିୟାମକ। ଜୀବନରୁ ଯାହା ଅପସରି ଯାଇଛି, ଯେପରିକି ହଜିଯାଇଥିବା ଭିଟାମାଟି,


© 2025 ଆଶିଷ ନନ୍ଦ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଅତୀତର ଗୋପନୀୟ ସତ୍ୟ, ଅଥବା ପରିତ୍ୟକ୍ତ ସମ୍ପର୍କ, ଜୈବିକ ପିତୃତ୍ୱର ଅନୁପସ୍ଥିତି ତାହା ହିଁ ବର୍ତ୍ତମାନର ସ୍ଥିତିକୁ ଆନ୍ଦୋଳିତ କରେ। ଶରତ ମିଶ୍ରଙ୍କ କଥାସାହିତ୍ୟରେ ଏହି 'ଅନୁପସ୍ଥିତ ସିଦ୍ଧାନ୍ତ' ପ୍ରବାସୀ ଚେତନାର ଏକ ପ୍ରମୁଖ ଉପାଦାନ ଭାବେ କାର୍ଯ୍ୟ କରିଛି।

**୩. ଗଳ୍ପଭିତ୍ତିକ ବିଶ୍ଳେଷଣ:**

**କ. ଔପନିବେଶିକ ଦାଦନ ଶ୍ରମ ଓ ସୀମାରେଖାର କ୍ରୁରତା: 'ଅଭିଳାଷ'**

'ଅଭିଳାଷ' ଗଳ୍ପଟି କେବଳ ଏକ ବ୍ୟକ୍ତିଗତ କାହାଣୀ ନୁହେଁ; ଏହା ଔପନିବେଶିକ ଶୋଷଣ ଏବଂ ପରବର୍ତ୍ତୀ ଉତ୍ତର-ଔପନିବେଶିକ ରାଷ୍ଟ୍ର-ନିର୍ମାଣର ଇତିହାସରେ ନିଷ୍ପେଷିତ ନିମ୍ନବର୍ଗର ଏକ ମର୍ମନ୍ତୁଦ ଆଲେଖ୍ୟ।'ଅଭିଳାଷ' ଗଳ୍ପର ନାୟକ ଦିଗମ୍ବର ଔପନିବେଶିକ ପୁଞ୍ଜିବାଦୀ ଅର୍ଥନୀତି ଏବଂ ପରବର୍ତ୍ତୀ ଉତ୍ତର-ଔପନିବେଶିକ ସୀମାରେଖା ଦ୍ୱାରା ନିଷ୍ପେଷିତ ଏକ ଚରିତ୍ର।

- **ନିମ୍ନବର୍ଗର ଅର୍ଥନୈତିକ ବିସ୍ଥାପନ:** ବ୍ରିଟିଶ ଶାସନ କାଳରେ ଠିକାଦାରମାନେ ଗ୍ରାମୀଣ ଦାରିଦ୍ର୍ୟର ସୁଯୋଗ ନେଇ କୁଲି ସଂଗ୍ରହ କରୁଥିଲେ। ଦିଗମ୍ବର ମାତ୍ର ବାର-ତେର ବର୍ଷ ବୟସରେ ନୟାଗଡ଼ ଜିଲ୍ଲାରୁ ନିଜ ପିତାମାତା ଓ ସାଙ୍ଗସାଥୀଙ୍କୁ ଛାଡ଼ି ଆସାମ ଚାହା ବଗିଚାକୁ ଆସିଥିଲା। ତାକୁ କୁଲି ଠିକାଦାର ହାତକୁ ଟେକିଦେବା ବେଳେ ତାଙ୍କ ପିତାଙ୍କ ମାନସିକତା ଥିଲା ମାନସିକତା ଥିଲା:

"ପୁଅ ଯାଇ ଚାଲିଆସୁ । ପାଞ୍ଚ ଜାଗା ଦେଖୁ, ପାଞ୍ଚ ଲୋକଙ୍କ ସଙ୍ଗରେ ବସାଉଠା କରୁ, ପାଞ୍ଚକଥା ଶିଖିବ ଓ ଫେରିକରି ଟଙ୍କା ଆଣିଲେ—ଜମି କିଣିବା, ହଳବଳଦ କରିବା ।" (ମିଶ୍ର, ୧୯୯୪, ପୃ. ୨)

- **ସୀମାରେଖାର ବିଡ଼ମ୍ବନା :** ୧୯୪୭ ମସିହାରେ ଦେଶ ବିଭାଜନ ହେବା ପରେ ଦିଗମ୍ବର କାମ କରୁଥିବା ସିଲେଟ୍ ଅଞ୍ଚଳ ପୂର୍ବ ପାକିସ୍ତାନ ଓ ପରେ ବାଂଲାଦେଶର ଅନ୍ତର୍ଭୁକ୍ତ ହେଲା ଏବଂ ପରବର୍ତ୍ତୀ କାଳରେ ବାଂଲାଦେଶ ହେଲା। ଗାୟତ୍ରୀ ସ୍ପିଭାକ୍‌ଙ୍କ "Can the Subaltern Speak?" ପରିପ୍ରେକ୍ଷୀରେ ଦିଗମ୍ବର ଏପରି ଏକନୀରବ ନିମ୍ନବର୍ଗୀ ଚରିତ୍ର, ଯିଏ ରାଜନୈତିକ ସୀମା ପରିବର୍ତ୍ତନ ବିଷୟରେ ଅଜ୍ଞ ଥାଇ ମଧ୍ୟ ନିଜ ଭୂମିରୁ ବିଦେଶୀ ପାଲଟିଗଲା। ଯାହାର ପରିଚୟ ନିର୍ଦ୍ଧାରଣରେ ତା'ର କୌଣସି ଭୂମିକା ନାହିଁ

"ଦୁଇତିନି ବର୍ଷ ପରେ ଦେଶ ଅଲଗା ଅଲଗା ହୋଇଗଲା ଓ ତାଙ୍କର ଚା' ବାଗାନଟି ହୋଇଗଲା ପାକିସ୍ତାନ ଅଞ୍ଚଳ । ଫରକଟି କ'ଣ ହେଲା, ଠିକ୍ ଦିଗମ୍ବର ବୁଝିପାରୁ ନ ଥିଲା । ଖାଲି ସାହେବଲୋକ ଖୁବ୍ କମ୍ ଦେଖାଗଲେ ଓ ମୁସଲମାନ ହାକିମ ଆସିଲେ । ନିଜ ଦେଶକୁ ଯିବାଆସିବା ବନ୍ଦ ହୋଇଗଲା ଓ ନିଜ ଅଞ୍ଚଳ ଆଡୁ ନୂଆ କେହି ଆସିଲେ ନାହିଁ ।" (ମିଶ୍ର, ୧୯୯୪, ପୃ. ୩)

- **ସ୍ୱଦେଶ ପ୍ରତ୍ୟାବର୍ତ୍ତନର ଅଭିଳାଷ:** ପ୍ରବାସରେ ବିବାହ କରି ସନ୍ତାନସନ୍ତତି ଜନ୍ମ କରିବା ପରେ ମଧ୍ୟ ତା'ର ଚେତନାରେ ଓଡ଼ିଶାର ସ୍ମୃତି ଅମ୍ଳାନ ରହିଥିଲା। କିନ୍ତୁ ଭିସା, ପାସପୋର୍ଟ ଓ ଅର୍ଥର ପ୍ରତିବନ୍ଧକ ତାକୁ ସ୍ୱଦେଶ ଫେରିବାକୁ ଦେଲାନାହିଁ ।

"ପାସପୋର୍ଟ ଖର୍ଚ୍ଚ, ଭିସା ଖର୍ଚ୍ଚ, ଏଜେଣ୍ଟ କମିସନ୍, ସିଲେଟ୍ ଯିବା, ଓଡ଼ିଶା ଯିବାଆସିବା ଖର୍ଚ୍ଚ ହିସାବ ହେଲା । ଏ ସମସ୍ତ ଖର୍ଚ୍ଚ ହେବ ହଜାରେ ଟଙ୍କାରୁ ଅଧିକ । ନିଜ ପାଖରେ ଅଛି ମାତ୍ର ହଜାରେ ଟଙ୍କା । ତାହାହେଲେ ଏତେ ଦିନ ପରେ କ'ଣ ନେଇ ଘରକୁ ଯିବ ଓ ବାପମାଆଙ୍କୁ କଅଣ ଦେବ ।" (ମିଶ୍ର, ୧୯୯୪, ପୃ. ୪)

- **ପିଢ଼ିଗତ ପାର୍ଥକ୍ୟ ଓ ସାଂସ୍କୃତିକ ବିଚ୍ଛିନ୍ନତା:** ଦିଗମ୍ବରର ପିଲାମାନେ ବାଂଲାଦେଶର ସଂସ୍କୃତିରେ ବଢ଼ି ଓଡ଼ିଶା ପ୍ରତି ସମ୍ପୂର୍ଣ୍ଣ ଉଦାସୀନ ହୋଇଗଲେ। ବଡ଼ପୁଅ କକ୍ସ ବଜାର ବା କଲିକତା ବୁଲିବାକୁ ପସନ୍ଦ କଲା ଏବଂ ସାନପୁଅ ଦିଲ୍ଲୀ-ଆଗ୍ରା ଦେଖିବାକୁ କହିଲା, କିନ୍ତୁ ଦିଗମ୍ବରର ଜଗନ୍ନାଥ ଦର୍ଶନର ଆକାଂକ୍ଷା କାହାରିକୁ ସ୍ପର୍ଶ କଲାନାହିଁ।
- **ଅପୂର୍ଣ୍ଣତାରେ ମୃତ୍ୟୁ:** ମୃତ୍ୟୁଶଯ୍ୟାରେ ସେହି ଅନୁପସ୍ଥିତ ଜଗନ୍ନାଥଙ୍କୁ ପ୍ରାର୍ଥନା କରି ସେ ନିଜ ଜନ୍ମମାଟି ଲୋଡ଼ିଛି । ଏଠାରେ ଭୌଗୋଳିକ ସୀମା ଏକ ନିରୀହ ଶ୍ରମିକର ଆତ୍ମପରିଚୟକୁ ଚିରଦିନ ପାଇଁ ଛଡ଼ାଇ ନେଇଛି।

"ପ୍ରଭୁ ମରଣ ଦିଅ ଓ ପୁଣି ନିଜ ଜନ୍ମମାଟିରେ ଜନମ ଦିଅ । ପର ଜନମରେ ହେଲେ ତୁମ ଦର୍ଶନର ସୁଯୋଗ ପାଇବି । ଦିଗମ୍ବରଙ୍କ ଆଖିପତା ମୁଦିହୋଇ ଆସୁଥିଲା ।" (ମିଶ୍ର, ୧୯୯୪, ପୃ. ୫–୬)

ଦିଗମ୍ବର ଚରିତ୍ରଟି ହଲ୍‌ଙ୍କ ପ୍ରଥମ ଧାରଣାର ଏକ କରୁଣ ପ୍ରତୀକ। ସେ ପଞ୍ଚାବନ ବର୍ଷ ଧରି ବିଦେଶୀ ଭୂମିରେ ରହି ମଧ୍ୟ ନିଜର ମୂଳ ପରିଚୟ (ଶରଣକୁଳ, କଣ୍ଟିଲୋ, ଜଗନ୍ନାଥ ସଂସ୍କୃତି)କୁ ଛାତିରେ ବାନ୍ଧି ରଖିଛି। ତା'ର ପିଲାମାନେ ବାଂଲାଦେଶୀ ସଂସ୍କୃତିରେ ପରିବର୍ତ୍ତନର ଶିକାର ହୋଇଥିବା ବେଳେ, ଦିଗମ୍ବର ନିଜ ଜନ୍ମମାଟିରକୁ ଖୋଜି ଖୋଜି ଶେଷ ନିଶ୍ୱାସ ତ୍ୟାଗ କରିଛି।

**ଖ. ସଙ୍କରତା ଓ ଆତ୍ମପରିଚୟର ଶୂନ୍ୟତା: 'ଆତ୍ମପରିଚୟ'**

'ଆତ୍ମପରିଚୟ' ଗଳ୍ପରେ ହୋମି ଭାଭାଙ୍କ 'ସଙ୍କରତା' ଏବଂ ଏଡୱାର୍ଡ ସଇଦ୍‌ଙ୍କ ପ୍ରବାସୀ ଦର୍ଶନର ପ୍ରତ୍ୟକ୍ଷ ପ୍ରତିଫଳନ ଦେଖିବାକୁ ମିଳେ।

- **ଦ୍ୱୈତ ବିସ୍ଥାପନ:** ରାଜ ଗିଦ୍‌ୱାନୀଙ୍କ ପରିବାର ପ୍ରଥମେ ଭାରତ ବିଭାଜନ ସମୟରେ ପୈତୃକ ସିନ୍ଧୁପ୍ରଦେଶର ଲାରକାନା ହରାଇ ଆଫ୍ରିକାର ଉଗାଣ୍ଡା ଚାଲିଯାଇଥିଲେ। କାମ୍ପାଲାରେ ବିରାଟ ପ୍ରାସାଦ, ଲୁଗାକଳ ଓ ଗାଡ଼ିଘୋଡ଼ାର ମାଲିକ ହୋଇ ପ୍ରତିଷ୍ଠିତ ହୋଇଥିଲେ। କିନ୍ତୁ ଉଗାଣ୍ଡାର ସ୍ୱାଧୀନତା ପରେ ଇଦି ଅମିନଙ୍କ ଉଗ୍ର ଜାତୀୟତାବାଦୀ ନୀତି ଯୋଗୁଁ ତାଙ୍କୁ ଦୁଇ ଘଣ୍ଟା ମଧ୍ୟରେ ସର୍ବସ୍ୱ ଛାଡ଼ି ଲଣ୍ଡନ ପଳାଇବାକୁ ପଡ଼ିଲା।
- **ଅନୁକରଣର ସୀମାନ୍ତ:** ରାଜ୍ ଲଣ୍ଡନରୁ ଅର୍ଥଶାସ୍ତ୍ରରେ ସ୍ନାତକ ହାସଲ କରେ ଏବଂ ପାଶ୍ଚାତ୍ୟ ଶିଷ୍ଟାଚାରରେ ସମ୍ପୂର୍ଣ୍ଣ ଅଭ୍ୟସ୍ତ ହୋଇଯାଏ ସେ ଲଣ୍ଡନରେ ପାଶ୍ଚାତ୍ୟ ଶିକ୍ଷା, ଖାଦ୍ୟପେୟ ଓ ନୃତ୍ୟରେ ନିଜକୁ ଗୋରା ସମାଜ ସହ ସମକକ୍ଷ କରିବାକୁ ଚାହେଁ:

"ରାଜ ଭଲ ବଲ୍‌ଡ୍ୟାନ୍‌ସ କରନ୍ତି । କଣ୍ଟା ଚାମଚ ଧରି ଟେବୁଲରେ ୟୁରୋପିଆନ୍‌ମାନଙ୍କ ପରି ଖାଇ ପାରନ୍ତି, ଫରାସୀ ଲୋକମାନଙ୍କ ପରି ଭିନ୍ନ ଭିନ୍ନ ପ୍ରକାର ୱାଇନ୍ ଚିହ୍ନି ପାରନ୍ତି ଓ ସେ ବିଷୟରେ ପାଣ୍ଡିତ୍ୟପୂର୍ଣ୍ଣ ଟିପ୍‌ପଣୀ ଦେଇପାରନ୍ତି... । ଏ ସମସ୍ତ ଗୁଣ ସତ୍ତ୍ୱେ ରାଜ ବ୍ରିଟିଶ୍ ହୋଇପାରୁ ନାହାନ୍ତି । ... ଜନ୍ମଗତ ଦୋଷ ଛାଡୁ ନାହିଁ ।" (ମିଶ୍ର, ୧୯୯୪, ପୃ. ୨୫–୨୬)

- **ପ୍ରବାସୀର ଦୋଳାୟମାନ ଅବସ୍ଥା:** ରାଜ୍ ଇଂଲଣ୍ଡରେ ବ୍ୟବସାୟ କରେ ସତ, କିନ୍ତୁ ପ୍ରତିଯୋଗୀ ମୋଜେସ୍ ଭଳି ଶ୍ୱେତାଙ୍ଗ ବ୍ୟବସାୟୀମାନେ ତାଙ୍କୁ ଜଣେ 'ଭାରତୀୟ' କହି ହୀନ ଦୃଷ୍ଟିରେ ଦେଖେ। ଅନ୍ୟପକ୍ଷରେ, ନିଜର ସାଂସ୍କୃତିକ ଚେର ଖୋଜିବା ପାଇଁ ସେ ଯେତେବେଳେ ପ୍ରେମିକା ମେରୀ ସହ ଭାରତ ଆସେ, ଦିଲ୍ଲୀ ଓ ରାଜସ୍ଥାନର ଦାରିଦ୍ର୍ୟ, ଅପରିଷ୍କାର ପରିବେଶ ଓ ବିଶୃଙ୍ଖଳା ଦେଖି ସେ ଭାରତକୁ ଆପଣାର ବୋଲି ଗ୍ରହଣ କରିପାରେ ନାହିଁ।


© 2025 ଆଶିଷ ନନ୍ଦ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

- **ଅସ୍ମିତାର ବିଲୋପ:** ଉଦୟପୁରର ଲେକ୍ ପ୍ୟାଲେସ୍‌ରେ ମେରୀ ଯେତେବେଳେ ଭବିଷ୍ୟତ ବିବାହ ସମ୍ପର୍କରେ ପଚାରେ, ରାଜ୍ ପିତାମାତାଙ୍କ ଚାପରେ ସିନ୍ଧୀ ଝିଅ ମାଳତୀକୁ ବାହା ହେବା କଥା କହି ମେରୀକୁ ସାଙ୍ଗରେ ରଖିବା ପ୍ରସ୍ତାବ ଦିଏ। ମେରୀ ତା'ର ଏହି କପଟତାକୁ ପ୍ରତ୍ୟାଖ୍ୟାନ କରି କହେ— "ତୁମେ ନିଜର ଆତ୍ମପରିଚୟ ଜାଣନା"। ସେତେବେଳେ ରାଜ୍ ନିଜ ଭିତରେ ଥିବା ବିରାଟ ଶୂନ୍ୟତାକୁ ଆବିଷ୍କାର କରେ। ଗଳ୍ପର ଶେଷ ପ୍ରଶ୍ନ ଏକ ଉତ୍ତର-ଔପନିବେଶିକ ହାହାକାର:

"ମୁଁ କିଏ ? କ'ଣ ମୋର ଆତ୍ମ ପରିଚୟ ? ମୋର ଜନନୀ ତ ଅଛନ୍ତି । କିନ୍ତୁ କାହିଁ ମୋର ସ୍ୱର୍ଗାଦପି ଗରୀୟସୀ ଜନ୍ମଭୂମି ?" (ମିଶ୍ର, ୧୯୯୪, ପୃ. ୨୮)

ଏହା ପ୍ରତ୍ୟେକ ଉତ୍ତର-ଔପନିବେଶିକ ପ୍ରବାସୀର ଚରମ ଅସ୍ମିତା-ହୀନତାର ଏକ ଦାର୍ଶନିକ ପ୍ରଶ୍ନ। ରାଜ ଗିଦ୍‌ୱାନୀ ଚରିତ୍ରଟି ହୋମି ଭାଭାଙ୍କ 'Mimic Man'ର ସର୍ବୋତ୍କୃଷ୍ଟ ଉଦାହରଣ। ସେ ଲଣ୍ଡନରେ ଇଂରେଜ ସାହେବମାନଙ୍କ ଭଳି ବଲ୍‌ଡ୍ୟାନ୍ସ କରନ୍ତି, ଫରାସୀ ୱାଇନ୍ ଚିହ୍ନନ୍ତି, କଣ୍ଟାଚାମଚରେ ଖାଆନ୍ତି, ଗଲ୍ଫ ଖେଳନ୍ତି ଓ ପିଆନୋ ବଜାନ୍ତି। କିନ୍ତୁ ଶ୍ୱେତାଙ୍ଗ ବ୍ରିଟିଶ ସମାଜ ତାଙ୍କୁ ସମାନ ଅଧିକାର ଦିଏନାହିଁ; ବରଂ ତାଙ୍କୁ 'ଭାରତୀୟ' କହି ଭେଦଭାବ କରେ। ସେ 'Almost the same, but not white' ହୋଇ ରହିଯାଆନ୍ତି। ସେହିପରି ପ୍ରେମିକା ମେରୀ ଯେତେବେଳେ ତାଙ୍କ ଭିତରେ ଥିବା ରକ୍ଷଣଶୀଳ ଭାରତୀୟ ସଂସ୍କାରକୁ ଚିହ୍ନାଇ ଦିଏ, ରାଜ ଭାଭାଙ୍କ କଥିତ ତୃତୀୟ ଶ୍ରେଣୀରେ ନିଜକୁ ନିରାଶ୍ରୟ ମନେକରନ୍ତି ଯେଉଁଠାରେ ନା ଉଗାଣ୍ଡା ଅଛି, ନା ଇଂଲଣ୍ଡ, ନା ଭାରତ। ରାଜ ଗିଦ୍‌ୱାନୀ ଲଣ୍ଡନରେ ନିଜ ସାଂସ୍କୃତିକ ପରିଚୟକୁ ପାଶ୍ଚାତ୍ୟ ରୀତିରେ ଗଢ଼ିତୋଳି ଏକ ନୂଆ ରୂପ ଦେବାକୁ ଚାହାନ୍ତି । କିନ୍ତୁ ତାଙ୍କ ଭିତରେ ଥିବା ସିନ୍ଧୀ-ଭାରତୀୟ ରକ୍ତ ଓ ମାନସିକତା ତାଙ୍କୁ ଛାଡ଼ିପାରେ ନାହିଁ। ଷ୍ଟୁଆର୍ଟ ହଲ୍‌ଙ୍କ ଭାଷାରେ, ରାଜ୍ ନା ଅତୀତର ଭାରତକୁ ସମ୍ପୂର୍ଣ୍ଣ ଆପଣେଇ ପାରୁଛନ୍ତି, ନା ବ୍ରିଟିଶ୍ ହୋଇପାରୁଛନ୍ତି। ଶେଷରେ ସେ ଏକ ସ୍ଥାନହୀନ ନିର୍ବାସନରେ ନିଜ ପରିଚୟ ହରାଇ ବସୁଛନ୍ତି।

### ଗ. ଯୁଦ୍ଧ-ପରବର୍ତ୍ତୀ ରାଜନୈତିକ ହିଂସା ଓ ଅବଦମିତ ପରିଚୟ: 'ଆସକ୍ତ'

ବାଂଲାଦେଶ ମୁକ୍ତିଯୁଦ୍ଧ (୧୯୭୧) କାଳୀନ ପୃଷ୍ଠଭୂମିରେ ରଚିତ 'ଆସକ୍ତ' ଗଳ୍ପରେ ଉତ୍ତର-ଔପନିବେଶିକ ରାଷ୍ଟ୍ର-ଗଠନ ପ୍ରକ୍ରିୟାରେ ନାରୀ ଏବଂ ସନ୍ତାନର ପରିଚୟ କିପରି ରାଜନୈତିକ ହିଂସାର ଶିକାର ହୁଏ, ତାହା ଉଦ୍‌ଘାଟିତ।

**ନାରୀ ଶରୀର ଉପରେ ଜାତୀୟତାବାଦୀ ଆକ୍ରମଣ : :** ୧୯୭୧ ବାଂଲାଦେଶ ମୁକ୍ତି ସଂଗ୍ରାମ ବେଳେ ପାକିସ୍ତାନୀ ସୈନ୍ୟମାନେ ଢାକା ବିଶ୍ୱବିଦ୍ୟାଳୟର ବୁଦ୍ଧିଜୀବୀମାନଙ୍କୁ ଟାର୍ଗେଟ୍ କରିଥିଲେ। ପ୍ରଫେସର ସୟଦ ପଳାୟନ କରିଥିବା ବେଳେ ତାଙ୍କ ପତ୍ନୀ ଅଧ୍ୟାପିକା ହମିଦା ପାକିସ୍ତାନୀ କ୍ୟାମ୍ପରେ ବନ୍ଦୀ ହୋଇ ମେଜର ମାଲିକଙ୍କ ଶଯ୍ୟାସଙ୍ଗିନୀ ହେବାକୁ ବାଧ୍ୟ ହୋଇଥିଲେ। ପ୍ରଫେସର ହମିଦା ପାକିସ୍ତାନୀ ସେନା ମେଜର ମାଲିକଙ୍କ ଯୌନ ଲାଳସାର ଶିକାର ହୋଇ ଗର୍ଭବତୀ ହୁଅନ୍ତି। ସ୍ୱାମୀ ପ୍ରଫେସର ସୟଦ ସେହି ସନ୍ତାନ 'ଅବଦୁଲ୍'କୁ ସ୍ନେହରେ ପିତୃତ୍ୱ ପ୍ରଦାନ କରନ୍ତି।

- **ନୈତିକ ପିତୃତ୍ୱ ବନାମ ଜୈବିକ ସତ୍ୟ:** ଯୁଦ୍ଧ ପରେ ସୟଦ ଫେରିଆସି ଗର୍ଭବତୀ ହମିଦାଙ୍କୁ ଗର୍ଭପାତ ନ କରାଇ ସନ୍ତାନକୁ ଆଲ୍ଲାଙ୍କ ଆଶୀର୍ବାଦ ଭାବେ ଗ୍ରହଣ କଲେ। କିନ୍ତୁ କୋଡ଼ିଏ ବର୍ଷ ପରେ ପୁଅ ଅବଦୁଲ୍‌ର ଅଣ-ବଙ୍ଗାଳୀ, ଉଚ୍ଚ, ସୁଦର୍ଶନ ପାକିସ୍ତାନୀ ଚେହେରା ଯୋଗୁଁ ସମାଜରେ ତା'ର ପିତୃତ୍ୱ ଉପରେ ପ୍ରଶ୍ନ ଉଠିଲା:

"ରେହେନାର ପ୍ରଣୟ-ପ୍ରାର୍ଥୀ ଓ ଅବଦୁଲର ଜଣେ ପ୍ରତିଦ୍ୱନ୍ଦ୍ୱୀ ରେହେନାର କାନରେ ପକାଇ ଦେଇଛି ଯେ ଅବଦୁଲର ଚେହେରା ବଙ୍ଗାଳୀ ଚେହେରା ନୁହେଁ । ... ଅବଦୁଲ କ'ଣ ଜାରଜ?" (ମିଶ୍ର, ୧୯୯୪, ପୃ. ୪୦)

- **ମାତୃତ୍ୱର ପରାଜୟ:** ଅବଦୁଲ୍ ନିଜର ପ୍ରକୃତ ପିତା ମେଜର ମାଲିକଙ୍କ ବିଷୟରେ ଜାଣିବା ପରେ ତାଙ୍କରି ସହାୟତାରେ ଆମେରିକା ଚାଲିଯାଏ। ପ୍ରଫେସର ସୟଦ ଓ ହମିଦାଙ୍କ ଦୀର୍ଘ ବର୍ଷର ସ୍ନେହ ଏକ ଅନୁପସ୍ଥିତ ପିତୃତ୍ୱର ଜୈବିକ ଟାଣ ଆଗରେ ହାରିଯାଏ। ହମିଦାଙ୍କ ହୃଦୟରେ ପ୍ରଶ୍ନ ଉଠେ:

"ଦୀର୍ଘ ୨୧ ବର୍ଷର କଷ୍ଟ ସାଧନା ଓ ସ୍ନେହ କ'ଣ ମୂଲ୍ୟହୀନ? ପିତୃତ୍ୱର ଡୋର କ'ଣ ମାତୃତ୍ୱର ସ୍ନେହଠାରୁ ଅଧିକ ଟାଣ ? ସେ ଯାହାହେଉ, ଅବଦୁଲ ତା' କିନାରା ପାଇଛି । ତାକୁ କେହି ଆଉ ଜାରଜ କହିପାରିବେନି ।" (ମିଶ୍ର, ୧୯୯୪, ପୃ. ୪୫)

ରାଜନୈତିକ ଉତ୍ତେଜନାରେ ନାରୀର ଯୌନ ନିର୍ଯାତନାରୁ ଜନ୍ମିତ ସନ୍ତାନ ଉତ୍ତର-ଔପନିବେଶିକ ସମାଜରେ କିପରି ଚିରକାଳ ଆତ୍ମପରିଚୟର ଦ୍ୱନ୍ଦ୍ୱରେ ଛଟପଟ ହୁଏ, ତାହା ଏଠାରେ ପ୍ରମାଣିତ।

### ଘ. ପାଶ୍ଚାତ୍ୟ ଉପଭୋଗବାଦ ଓ ଆତ୍ମିକ ନିଃସଙ୍ଗତା: 'ଅତୃପ୍ତ'

ପ୍ରବାସୀ ଭାରତୀୟ କିପରି ପାଶ୍ଚାତ୍ୟ ସଭ୍ୟତାର ଚାକଚକ୍ୟରେ ନିଜ ସାଂସ୍କୃତିକ ମୂଲ୍ୟବୋଧ ହରାଇ ବସେ, 'ଅତୃପ୍ତ' ଗଳ୍ପର ଇନ୍ଦୁଭୂଷଣ ଚରିତ୍ର ତାହାର ଏକ ଦୃଷ୍ଟାନ୍ତ।

- **ପାରିବାରିକ ବିଭ୍ରାନ୍ତି:** ଯାଦବପୁର ଇଞ୍ଜିନିୟରିଂ କଲେଜର ମେଧାବୀ ଛାତ୍ର ଇନ୍ଦୁଭୂଷଣ ଆମେରିକା ଯାଇ ପ୍ରତିଷ୍ଠିତ ହେବା ପରେ ଓଡ଼ିଶାରୁ ସ୍ତ୍ରୀ ଲତାଙ୍କୁ ନେଇଯାଆନ୍ତି। କିନ୍ତୁ ଲତାଙ୍କ ସରଳ ପାରମ୍ପରିକ ରୂପ ତାଙ୍କୁ ଆମେରିକାନ୍ ସମାଜରେ ଲଜ୍ଜିତ କରେ। ସେ ଲତାଙ୍କୁ ଆଧୁନିକା କରିବାକୁ ଚେଷ୍ଟା କରନ୍ତି, ମାତ୍ର ଲତା ନିଜେ ସ୍ୱାଧୀନ ହୋଇ ଇନ୍ଦୁଭୂଷଣଙ୍କୁ ଛାଡ଼ିଦିଅନ୍ତି। ଇନ୍ଦୁଭୂଷଣ ପରବର୍ତ୍ତୀ ସମୟରେ ଆମେରିକାନ୍ ଝିଅ ଲିଜ୍, ଦକ୍ଷିଣ ଭାରତୀୟ ଭାରତୀ ଏବଂ ମେକ୍ସିକାନ୍-ଆମେରିକାନ୍ ମୁଲାଟୋ ନର୍ସ ମେରୀଙ୍କୁ ବିବାହ କରନ୍ତି। ପ୍ରତ୍ୟେକ ବିବାହରେ ସେ କିଛି ନା କିଛି ଅଭାବ ଅନୁଭବ କରନ୍ତି।
- **ସାଂସ୍କୃତିକ ଦ୍ୱନ୍ଦ୍ୱ:** ସେ ଆମେରିକାର ସ୍ୱାଧୀନତା ଚାହାନ୍ତି, କିନ୍ତୁ ଭିତରେ ଭାରତୀୟ ସଂସ୍କାରର ସମର୍ପିତ ସ୍ତ୍ରୀ ଖୋଜନ୍ତି:

"ଗୋରୀ ଝିଅଗୁଡ଼ିକ ଭଲ ପ୍ରେମିକା । ତାଙ୍କ ସାନ୍ନିଧ୍ୟରେ ଉନ୍ମାଦନା ଓ ପ୍ରାଣପ୍ରାଚୁର୍ଯ୍ୟ ଅଛି... ସେମାନେ କିନ୍ତୁ ଥରେ ପ୍ରେମିକାରୁ ପତ୍ନୀ ହୋଇଗଲେ ସବୁ ଓଲଟପାଲଟ ହୋଇଯାଏ । ... ଭାରତୀୟ ନାରୀ ପତ୍ନୀ ଭାବରେ ଭଲ... କିନ୍ତୁ ସେମାନେ ପ୍ରେମିକା ନୁହଁନ୍ତି । ସବୁ କଥାରେ ନିଷେଧ ମନୋବୃତ୍ତି..." (ମିଶ୍ର, ୧୯୯୪, ପୃ. ୮୧–୮୨)

ଇନ୍ଦୁଭୂଷଣ ଆମେରିକାରେ ରହି ବସ୍ତୁବାଦୀ ସୁଖ ଭିତରେ ସମ୍ପୂର୍ଣ୍ଣ ଆମେରିକାନ୍ ହେବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ହଲ୍ ଯେପରି କହିଛନ୍ତି, ପ୍ରବାସୀର ଅତୀତ ସର୍ବଦା ତା' ପଛରେ ଛାୟା ପରି ଗୋଡ଼ାଇଥାଏ; ତେଣୁ ଇନ୍ଦୁଭୂଷଣଙ୍କ ଅବଚେତନରେ ଓଡ଼ିଆ ପରମ୍ପରା ସବୁବେଳେ ଜାଗ୍ରତ ରହି ତାଙ୍କୁ କୌଣସି ପାଶ୍ଚାତ୍ୟ ସମ୍ପର୍କରେ ସ୍ଥିର ହେବାକୁ ଦିଏନାହିଁ ।

- **ପ୍ରବାସୀର ଚରମ ନିଃସଙ୍ଗତା:** ପ୍ରଚୁର ଅର୍ଥ, ବଡ଼ କୋଠା, ମର୍ସିଡିଜ୍ ଗାଡ଼ି ଥାଇ ମଧ୍ୟ ସେ ନିଜ ପୁଅ ଅସୀତଠାରୁ ଦୂରେଇ ଯାଆନ୍ତି ଏବଂ ଶେଷରେ ପ୍ରଥମ ପତ୍ନୀ ଲତାଙ୍କ ପାଖକୁ ଫେରିଆସନ୍ତି। ଲତାଙ୍କ କଥା— "ବନ୍ଧନ ଅପେକ୍ଷା ନିଜର ସ୍ୱାଧୀନତା ଅଧିକ ଶ୍ରେୟ" ଶୁଣି ସେ ଅନୁଭବ କରନ୍ତି ଯେ ଆଧୁନିକତାର ଅତିରିକ୍ତ ମୋହ ପ୍ରକୃତରେ ମଣିଷକୁ ସ୍ଥାୟୀ ଭାବେ 'ଅତୃପ୍ତ' କରି ରଖିଦିଏ ସମସ୍ତ ଧନସମ୍ପତ୍ତି ସତ୍ତ୍ୱେ ସେ ଜୀବନସାରା 'ଅତୃପ୍ତ' ରହିଯାଆନ୍ତି। ଶେଷରେ


© 2025 ଆଶିଷ ନନ୍ଦ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ପ୍ରଥମ ସ୍ତ୍ରୀ ଲତାଙ୍କ କଥା— "ବନ୍ଧନ ଅପେକ୍ଷା ନିଜର ସ୍ୱାଧୀନତା ଅଧିକ ଶ୍ରେୟ" ଶୁଣି ସେ ମୁକ୍ତ ସହବାସରେ ଶାନ୍ତି ଖୋଜିବାକୁ ବାଧ୍ୟ ହୁଅନ୍ତି (ମିଶ୍ର, ୧୯୯୪, ପୃ. ୮୫)।

**ଙ. ଔପନିବେଶିକ ଅମଲାତନ୍ତ୍ରର ଫମ୍ପା ଆଭିଜାତ୍ୟ: 'ସଭ୍ୟ ବଣିକ'**

ସ୍ୱାଧୀନ ଭାରତର ପ୍ରଶାସନିକ କଳ କିପରି ବ୍ରିଟିଶ ଅମଳର ସାହେବୀ ମାନସିକତାରୁ ମୁକ୍ତ ହୋଇପାରି ନାହିଁ, ତାହାର ଏକ ବ୍ୟଙ୍ଗାତ୍ମକ ଚିତ୍ର ଏହି ଗଳ୍ପରେ ଦେଖିବାକୁ ମିଳେ।

- **ଆଭ୍ୟନ୍ତରୀଣ ଔପନିବେଶିକତା:** ବୈଦେଶିକ ବାଣିଜ୍ୟ ବିଭାଗର ଯୁଗ୍ମ ସଚିବ ଖାମିଦ୍ ସାହେବ କେମ୍ବ୍ରିଜ୍ ଫେରନ୍ତା ଏବଂ ନିଜକୁ ଭାରତୀୟ ସଂସ୍କୃତିଠାରୁ ଉଚ୍ଚରେ ବୋଲି ଭାବନ୍ତି। ଇରାନରେ ଭାରତୀୟ ଶିଳ୍ପଜାତ ଦ୍ରବ୍ୟ ରପ୍ତାନି କରିବା ପାଇଁ ସେ ଗସ୍ତ କରନ୍ତି।
- **ବୈରୋଧିକ ବାସ୍ତବତା:** ଇରାନୀୟ ବାଣିଜ୍ୟ ମୁଖ୍ୟ ମୁସୋଭ ଯେତେବେଳେ ଖାମିଦ୍ ସାହେବଙ୍କ ନିକଟରେ ଥିବା ସାମଗ୍ରୀକୁ ଭାରତୀୟ ଭାବି ଆଦର କରନ୍ତି, ଖାମିଦ୍ ସାହେବ ଲଜ୍ଜିତ ହୁଅନ୍ତି:

ବାଣିଜ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଖାମିଦ୍ ସାହେବ ଇରାନରେ ଭାରତୀୟ ସାମଗ୍ରୀ ରପ୍ତାନି କରିବାକୁ ପ୍ରସ୍ତାବ ଦିଅନ୍ତି। ମାତ୍ର ବିଡ଼ମ୍ବନାର ବିଷୟ, ତାଙ୍କ ନିଜ ବ୍ରିଫ୍‌କେସ୍, ସୁଟ୍, କଲମ, ଜୋତା, ଏପରିକି ବ୍ୟବହାର କରୁଥିବା ବ୍ଲେଡ୍ ଓ ସାବୁନ ପର୍ଯ୍ୟନ୍ତ ସବୁକିଛି ବିଦେଶୀ:

"ଖାମିଦ ବଡ଼ ଇତସ୍ତତଃ । ବ୍ରିଫ୍‌କେସ୍ ସାମ୍‌ସୋନାଇଟ୍ ଓ ପିନ୍ଧିଥିବା ଜୋତା ବାଲି କମ୍ପାନୀର... ଦୁଇଟି ଭିନ୍ନ ଭିନ୍ନ ରଙ୍ଗର ଆମେରିକାନ୍ ସେଫର୍ସ ପେନ୍... ସୁଟ୍ ସାଭିଲ୍‌ରୋ କମ୍ପାନୀର... ଟାଇଟା ଥିଲା ଥାଇଲ୍ୟାଣ୍ଡ ସିଲ୍‌କ । କ'ଣ ଆମଦାନୀ ହେବ, ମୁସୋଭ ଭାବିପାରିଲେ ନାହିଁ କି ଖାମିଦ ପ୍ରସ୍ତାବ ବାଢ଼ିପାରିଲେ ନାହିଁ ।" (ମିଶ୍ର, ୧୯୯୪, ପୃ. ୧୩–୧୪)

ଖାମିଦ୍ ସାହେବ କେମ୍ବ୍ରିଜ୍‌ରୁ ପାଠ ପଢ଼ି ନିଜକୁ ପୂରା ବିଦେଶୀ ସାହେବ ବୋଲି ପ୍ରମାଣିତ କରିବା ପାଇଁ ସବୁକିଛି ବିଦେଶୀ ସାମଗ୍ରୀ ବ୍ୟବହାର କରନ୍ତି। ଔପନିବେଶିକ ପ୍ରଭାବ କିପରି ସ୍ୱାଧୀନ ଭାରତର ପ୍ରଶାସକଙ୍କୁ ନିଜ ସଂସ୍କୃତିଠାରୁ ବିଚ୍ଛିନ୍ନ କରି କେବଳ ଏକ 'ଅନୁକରଣକାରୀ'ରେ ପରିଣତ କରିଛି, ତାହା ଭାଭାଙ୍କ ତତ୍ତ୍ୱକୁ ସମ୍ପୂର୍ଣ୍ଣ ସମର୍ଥନ କରେ।ଶାନ୍ତନୁ ଆଚାର୍ଯ୍ୟ ଏହି ମାନସିକତାକୁ ସମାଲୋଚନା କରି ଲେଖିଛନ୍ତି:"ଖାମେନ ସାହେବଙ୍କ ବ୍ୟକ୍ତିତ୍ୱରେ ଗୋଟିଏ ବି ଭାରତୀୟ ଶିଳ୍ପଜାତ ସାମଗ୍ରୀର ଉପସ୍ଥିତି ତ ଦୃଷ୍ଟି ହୁଏନା । ହୁଏତ ଖାମେନ ନିଜେ ବି ସଂସ୍କୃତି ଦୃଷ୍ଟିରୁ ଭାରତୀୟ କି ନୁହେଁ କେଜାଣି ! କିନ୍ତୁ ସେଇ ହେଲେ ଭାରତର ବାଣିଜ୍ୟ ବିଭାଗର ପ୍ରତିନିଧି ।" (ମିଶ୍ର , ୧୯୯୪, ପୃ. ୧୦୦)

**୪. ତୁଳନାତ୍ମକ ବିଶ୍ଳେଷଣ ସାରଣୀ:**

| ଗଳ୍ପର ଶୀର୍ଷକ | ପ୍ରମୁଖ ଚରିତ୍ର | ଉତ୍ତର-ଔପନିବେଶିକ ସଙ୍କଟ | ପ୍ରବାସୀ ଚେତନା / ସଙ୍କରତା | ଅନୁପସ୍ଥିତ ଉପାଦାନ | ପୁସ୍ତକର ପୃଷ୍ଠା ସଂଖ୍ୟା |
|---|---|---|---|---|---|
| **ଅଭିଳାଷ** | ଦିଗମ୍ବର | ଔପନିବେଶିକ ଶ୍ରମିକ ଚାଲାଣ ଓ ଦେଶ ବିଭାଜନ | ନିମ୍ନବର୍ଗର ଅସହାୟତା ଓ ସୀମାରେଖାର ବନ୍ଦୀତ୍ୱ | ଜନ୍ମମାଟି, ସ୍ୱଦେଶ, ଭାଷା ଓ ଶ୍ରୀଜଗନ୍ନାଥ ସଂସ୍କୃତି | ପୃ. ୧–୬ |
| **ଆତ୍ମପରିଚୟ** | ରାଜ ଗିଦ୍‌ୱାନୀ | ଆଫ୍ରିକୀୟ ଜାତୀୟତାବାଦ ଓ ୟୁରୋପୀୟ ବର୍ଣ୍ଣବୈଷମ୍ୟ | ୟୁରୋପୀୟ ଅନୁକରଣ (Mimicry) ଓ ସାଂସ୍କୃତିକ ଶୂନ୍ୟତା | ମୌଳିକ ନାଗରିକତା ଓ ସ୍ୱଦେଶର ଅସ୍ମିତା | ପୃ. ୨୨–୨୮ |
| **ଆସକ୍ତ** | ଅବଦୁଲ୍ ଓ ହମିଦା | ୧୯୭୧ ଯୁଦ୍ଧକାଳୀନ ଯୌନ ନିର୍ଯାତନା ଓ ହିଂସା | ଜାରଜତାର ଭୟ ଓ ଜୈବିକ ପିତୃତ୍ୱର ସନ୍ଧାନ | ସାମାଜିକ ସ୍ୱୀକୃତି ଓ ସମ୍ମାନ | ପୃ. ୩୯–୪୫ |
| **ଅତୃପ୍ତ** | ଇନ୍ଦୁଭୂଷଣ | ପାଶ୍ଚାତ୍ୟ ଭୌତିକବାଦ,ବସ୍ତୁବାଦୀ ସୁଖ ଓ ଆତ୍ମିକ ଦାରିଦ୍ର୍ୟ | ଦ୍ୱୈତ ସଂସ୍କୃତିର ସଂଘର୍ଷ ଓ ସମ୍ପର୍କର ଅସ୍ଥିରତା | ଆନ୍ତରିକ ଶାନ୍ତି, ତୃପ୍ତି ଓ ପାରିବାରିକ ସ୍ନେହ | ପୃ. ୭୫–୮୫ |
| **ସଭ୍ୟ ବଣିକ** | ଖାମିଦ୍ ସାହେବ | ଔପନିବେଶିକ ଅମଲାତନ୍ତ୍ରର ସାହେବୀ ମାନସିକତା | ବିଦେଶୀ ବସ୍ତୁପ୍ରୀତି ଓ ନିଜ ଦେଶ ପ୍ରତି କୃତ୍ରିମତା | ସାଧୁତା ଓ ଭାରତୀୟ ସାଂସ୍କୃତିକ ଆତ୍ମପ୍ରତ୍ୟୟ | ପୃ. ୭–୧୫ |

**୫. ଉପସଂହାର**

ଶରତ ମିଶ୍ରଙ୍କ ପ୍ରବାସୀ ଚରିତ୍ରମାନେ ଦୁଇଟି ସଂସ୍କୃତି ମଧ୍ୟରେ ଏକ ଅସମାପ୍ତ ଯୁଦ୍ଧ କରୁଛନ୍ତି। ସେମାନେ ନିଜ ଜନ୍ମମାଟିରୁ ବିଚ୍ଛିନ୍ନ, ପୁଣି ପ୍ରବାସୀ ସମାଜରେ ମଧ୍ୟ 'ଅନ୍ୟ' ଭାବେ ଉପହାସିତ। ଇନ୍ଦୁଭୂଷଣ କିମ୍ବା ରାଜ ଗିଦ୍‌ୱାନୀଙ୍କ ପରି ଚରିତ୍ରମାନେ ପ୍ରଚୁର ଧନସମ୍ପତ୍ତି ଅର୍ଜନ କରିବା ସତ୍ତ୍ୱେ ସାଂସ୍କୃତିକ ନିରାପତ୍ତା ଓ ଆତ୍ମତୃପ୍ତି ନ ପାଇ ଏକ ଚିରନ୍ତନ ହାହାକାର ମଧ୍ୟରେ ବଞ୍ଚୁଛନ୍ତି। ପ୍ରତ୍ୟେକ ଗଳ୍ପରେ ଯାହା ଉପସ୍ଥିତ ଅଛି (ଧନ, ପଦବୀ, ପ୍ରତିଷ୍ଠା) ତାହା ମୁଖ୍ୟ ନୁହେଁ; ବରଂ ଯାହା ଅନୁପସ୍ଥିତ (ମାଟି, ସମ୍ପର୍କ, ନୈତିକତା, ପରିଚୟ) ତାହା ହିଁ ଚରିତ୍ରର ଭାଗ୍ୟ ନିର୍ଦ୍ଧାରଣ କରୁଛି। ଶରତ ଚନ୍ଦ୍ର ମିଶ୍ରଙ୍କ 'ଅଭିଳାଷ ଓ ଅନ୍ୟାନ୍ୟ ଗଳ୍ପ' ଓଡ଼ିଆ କଥାସାହିତ୍ୟକୁ ଆଞ୍ଚଳିକ ପରିସରରୁ ମୁକ୍ତ କରି ବିଶ୍ୱସ୍ତରୀୟ ଉତ୍ତର-ଔପନିବେଶିକ ଦର୍ଶନ ସହିତ ଯୋଡ଼ିବାରେ ଏକ ଅଦ୍ୱିତୀୟ ସୃଷ୍ଟି। ଦେଶାନ୍ତର ହୋଇଥିବା ମଣିଷ କେବଳ ସ୍ଥାନ ବଦଳାଏ ନାହିଁ; ତା'ର ଭାଷା, ସଂସ୍କୃତି ଓ ଅସ୍ମିତା ମଧ୍ୟ ଖଣ୍ଡବିଖଣ୍ଡିତ ହୋଇଯାଏ। ଦିଗମ୍ବରର ଅପୂର୍ଣ୍ଣ ଅଭିଳାଷ, ରାଜ ଗିଦ୍‌ୱାନୀର ଭୂମିହୀନତା, ଅବଦୁଲ୍‌ର ଜାରଜତା ପ୍ରଶ୍ନ ଏବଂ ଇନ୍ଦୁଭୂଷଣର ଚିର ଅତୃପ୍ତି—ଏ ସବୁକିଛି ଉତ୍ତର-ଔପନିବେଶିକ ବିଶ୍ୱରେ ମଣିଷର ଅସହାୟତାର ସାର୍ବଜନୀନ ପ୍ରତୀକ। ତେଣୁ ସମକାଳୀନ ଭାରତୀୟ ସାହିତ୍ୟ ତଥା ଉତ୍ତର-ଔପନିବେଶିକ ପ୍ରବାସୀ ଚେତନାର ତାତ୍ତ୍ୱିକ ଆଲୋଚନାରେ ଏହି ପ୍ରବନ୍ଧଟି ଏକ ଅପରିହାର୍ଯ୍ୟ ଏବଂ ଚିରକାଳୀନ ସମ୍ପଦ।


© 2025 ଆଶିଷ ନନ୍ଦ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

## ସହାୟକ ଗ୍ରନ୍ଥସୂଚୀ:


1. ଆଚାର୍ଯ୍ୟ ଶାନ୍ତନୁ କୁମାର। ଆଧୁନିକ କ୍ଷୁଦ୍ର ଗଳ୍ପର ବୃତ୍ତି ଓ ପ୍ରବୃତ୍ତି (ମୁଖବନ୍ଧ)। ଅଭିଳାଷ ଓ ଅନ୍ୟାନ୍ୟ ଗଳ୍ପ। କଟକ: ବିଦ୍ୟାପୁରୀ; ୧୯୯୪। ପୃ. ୯୪–୧୦୩।
2. ମିଶ୍ର ଶରତ ଚନ୍ଦ୍ର। ଅଭିଳାଷ ଓ ଅନ୍ୟାନ୍ୟ ଗଳ୍ପ। କଟକ: ବିଦ୍ୟାପୁରୀ; ୧୯୯୪।
3. ମହାନ୍ତି ସୁରେନ୍ଦ୍ର। ଓଡ଼ିଆ ସାହିତ୍ୟର କ୍ରମବିକାଶ। କଟକ: ଷ୍ଟୁଡେଣ୍ଟସ୍ ଷ୍ଟୋର; ୧୯୮୧।
4. ମହାରଣା ସୁରେନ୍ଦ୍ର କୁମାର। ଓଡ଼ିଆ ସାହିତ୍ୟର ଇତିହାସ। କଟକ: ଓଡ଼ିଶା ବୁକ୍ ଷ୍ଟୋର; ୨୦୧୫।
5. ଦାଶ ହେମନ୍ତ କୁମାର। ଉତ୍ତର-ଆଧୁନିକ ସାହିତ୍ୟ ତତ୍ତ୍ୱ ଓ ପ୍ରୟୋଗ। କଟକ: ଶାନ୍ତିଲତା ପ୍ରକାଶନୀ; ୨୦୦୬।
6. ପଟ୍ଟନାୟକ ଜୟନ୍ତ କୁମାର। ଉତ୍ତର-ଔପନିବେଶିକ ଓଡ଼ିଆ ସାହିତ୍ୟ: ସ୍ଥିତି ଓ ବିସ୍ତାର। କଟକ: ବିଦ୍ୟାପୁରୀ; ୨୦୧୨।
7. Bhabha HK. The Location of Culture. London & New York: Routledge; 1994.
8. ୮. Bhabha HK, editor. Nation and Narration. London: Routledge; 1990.
9. Derrida J. Of Grammatology. Translated by Gayatri Chakravorty Spivak. Baltimore: Johns Hopkins University Press; 1976.
10. Hall S. Cultural Identity and Diaspora. In: Rutherford J, editor. Identity: Community, Culture, Difference. London: Lawrence & Wishart; 1990. p. 222–237.
11. Said EW. Orientalism. New York: Pantheon Books; 1978.
12. Said EW. Reflections on Exile and Other Essays. Cambridge: Harvard University Press; 2000.
13. Spivak GC. Can the Subaltern Speak? In: Nelson C, Grossberg L, editors. Marxism and the Interpretation of Culture. Basingstoke: Macmillan; 1988. p. 271–313.
14. Ashcroft B, Griffiths G, Tiffin H. The Empire Writes Back: Theory and Practice in Post-Colonial Literatures. London & New York: Routledge; 1989.
15. Mishra V. The Literature of the Indian Diaspora: Theorizing the Diasporic Imaginary. London: Routledge; 2007.
16. Gilroy P. The Black Atlantic: Modernity and Double Consciousness. Cambridge: Harvard University Press; 1993.
17. Fanon F. Black Skin, White Masks. Translated by Charles Lam Markmann. London: Pluto Press; 1986.


**Creative Commons (CC) License**

This article is an open-access article distributed under the terms and conditions of the Creative Commons Attribution (CC BY 4.0) license. This license permits unrestricted use, distribution, and reproduction in any medium, provided the original author and source are credited.

**About the author**



**ଆଶିଷ ନନ୍ଦ** ଭୁବନେଶ୍ୱରସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାରର ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ଜଣେ ନିଷ୍ଠାପର ଗବେଷକ। ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ଭାଷା ବିଜ୍ଞାନ କ୍ଷେତ୍ରରେ ତାଙ୍କର ଗଭୀର ଅଧ୍ୟୟନ ଓ ବିଶେଷ ରୁଚି ରହିଛି। ବିଭିନ୍ନ ରାଷ୍ଟ୍ରୀୟ ଓ ପ୍ରାନ୍ତୀୟ ପତ୍ରପତ୍ରିକାରେ ତାଙ୍କର ବହୁ ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇସାରିଛି। ସେ ନିଜର ଆକାଡେମିକ୍ ଗବେଷଣା ମାଧ୍ୟମରେ ଓଡ଼ିଆ ସାହିତ୍ୟର ସମୃଦ୍ଧି ପାଇଁ ନିରନ୍ତର ସାଧନା ଅବ୍ୟାହତ ରଖିଛନ୍ତି।



© 2025 ଆଶିଷ ନନ୍ଦ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/